ଓଡ଼ିଶା ଲଳିତ କଳା ଏକାଡେମୀ
(ରାଜ୍ୟ ଚାରୁକଳା ଏକାଡେମୀ)
ସଂସ୍କୃତି ଭବନ, ମ୍ୟୁଜିୟମ୍ ପରିସର, ଭୁବନେଶ୍ୱର - ୭୫୧୦୧୪
ଦୂରଭାଷ (୦୬୭୪)୨୪୩୧୬୧୧,ଫାକ୍ସ (୦୬୭୪)୨୪୩୧୬୧୨

ODISHA LALIT KALA AKADEMI
(State Academy of Art)
Sanskruti Bhawan, Museum Premises
Bhubaneswar - 7501014, Ph -(0674)2431611
Fax - (0674)2431612
E-mail:odishalka1962@gmail.com

ନଂ. ୨୯୨/ଓଲକଏ ତା. ୧୧.୦୮ .୨୦୧୬

ପ୍ରେରକ : ଶ୍ରୀ ତାରାକାନ୍ତ ପରିଡା,
ସଚିବ

ପ୍ରାପକ :
ଜିଲ୍ଲା ସଂସ୍କୃତି ଅଧିକାରୀ

ବିଷୟ : ପ୍ରତିଭା ଅନ୍ୱେଷଣ ( ମୁଖ୍ୟମନ୍ତ୍ରୀ ଟ୍ରଫି) ପାଇଁ ଚିତ୍ର ପ୍ରତିଯୋଗିତା ବିଷୟରେ ।

ମହାଶୟା / ମହାଶୟ,

ଆପଣଙ୍କୁ ଏତଦ୍ୱାରା ଜଣାଉଅଛି ଯେ, ସଦୟ ନିର୍ଦ୍ଦେଶାନୁସାରେ - ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରଦାନ ସମ୍ପର୍କିତ ପ୍ରତିଭା ଅନ୍ୱେଷଣର ରାଜ୍ୟସ୍ତରୀୟ ଚିତ୍ର ପ୍ରତିଯୋଗିତା ଆସନ୍ତା ତା. ୧୬.୦୮.୨୦୧୬ରିଖ (ମଙ୍ଗଳ ବାର) ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ପାନ୍ଥନିବାସ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବା ସହିତ, ସେଥିରୁ ଶ୍ରେଷ୍ଠ ବିବେଚିତ ତରୁଣ ଶିଳ୍ପୀମାନଙ୍କୁ ତା ୧୭.୦୮.୨୦୧୬ରିଖ (ବୁଧ ବାର) ପୂର୍ବାହ୍ନ ୧୧ଘଣ୍ଟା ସମୟରେ ମୁଖ୍ୟମନ୍ତ୍ରୀ ଟ୍ରଫି ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ପ୍ରଦାନ କରାଯିବ ।

ଏଥିରେ ଯୋଗ ଦେଉଥିବା ଜିଲ୍ଲା ସ୍ତରରେ ମନୋନୀତ ହୋଇଥିବା ତରୁଣ ଶିଳ୍ପୀମାନଙ୍କୁ ଏବଂ ଜଣେ ଅଭିଭାବକଙ୍କୁ ସେମାନଙ୍କର ଯାତାୟତ ଖର୍ଚ୍ଚ ବସ କିମ୍ବା ଟ୍ରେନ୍, ସିଧାସଳଖ ରାସ୍ତାର ଭଡା ( ଟିକେଟ ଆବଶ୍ୟକ) ଏକାଡେମୀ ପକ୍ଷରୁ ପ୍ରଦାନ କରାଯିବ । ଉକ୍ତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଥିବା ତରୁଣ ଶିଳ୍ପୀମାନେ ଚିତ୍ର କରିବା ପାଇଁ ଆବଶ୍ୟକୀୟ ସମସ୍ତ ସରଞ୍ଜାମ ଯଥା - ରଂଗ, ତୁଳୀ, ପେନ୍‌ସିଲ୍, ରବର ଇତ୍ୟାଦି ନିଜେ ଆଣିବେ ଏବଂ ଏକାଡେମୀ କେବଳ ଡ୍ରଇଁ କାଗଜ ଯୋଗଇ ଦେବ ।

ଏଣୁ ଏଥିଦ୍ୱାରା ଆପଣଙ୍କୁ ଅନୁରୋଧ କରୁଛି ଯେ, ଆପଣଙ୍କ ଜିଲ୍ଲାର ଶ୍ରେଷ୍ଠ ବିବେଚିତ ହୋଇଥିବା ମୋଟ ଦୁଇଜଣ ( 'କ' ଓ 'ଖ' ବିଭାଗ ପାଇଁ) ଚିତ୍ରଶିଳ୍ପୀଙ୍କୁ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆସନ୍ତା ତା. ୧୬.୦୮.୨୦୧୬ (ମଙ୍ଗଳ ବାର) ପୂର୍ବାହ୍ନ ୯ଘଣ୍ଟା ସମୟରେ ଭୁବନେଶ୍ୱର, କଳ୍ପନା ଛକ ନିକଟସ୍ଥ ପାନ୍ଥନିବାସ ଠାରେ ପହଞ୍ଚିବା ପାଇଁ ଜଣାଇ ଦେବାକୁ ଅନୁରୋଧ କରୁଛି ।

ଆପଣଙ୍କ ବିଶ୍ୱସ୍ତ

ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

ଜ୍ଞାପକ ସଂଖ୍ୟା. ୨୯୩ / ତା.୧୧.୦୮ .୨୦୧୬

ଏହାର ଏକକିତ ନକଲ..................................ଜିଲ୍ଲା ସ୍ତରରେ ମନୋନୀତ ହୋଇଥିବା ତରୁଣ ଚିତ୍ରଶିଳ୍ପୀ ..........................................................................ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଆପଣ ତା.୧୬.୦୮.୨୦୧୬ ରିଖ ପୂର୍ବାହ୍ନ ୯ ଘଣ୍ଟା ସମୟରେ ଭୁବନେଶ୍ୱର, କଳ୍ପନା ଛକ ନିକଟସ୍ଥ ପାନ୍ଥନିବାସ ଠାରେ ପହଞ୍ଚିବା ପାଇଁ ଅନୁରୋଧ କରାଯାଉଛି ।

ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ